ଚାଷୀଙ୍କ ଜାଣିବା ପାଇଁ ଜୈବିକ ସାର ତିଆରି ପଦ୍ଧତି

ଗୋଲ କମ୍ପୋଷ୍ଟ

ସାମଗ୍ରୀ : (କ) ୪-୧/୨ ଫୁଟ ଲମ୍ବର ସୁତୁଲି (ଖ) ୨ଟା ଛୋଟିଆ ବାଡ଼ି (୨"- ଚାଖଣ୍ଡ) (ଗ) ୭ ଫୁଟର ୧୨ଟା ସିଧା ଖୁଣ୍ଟ (ଘ) ଫାଉଡ଼ା, ଝୁଡ଼ି, ବାଡ଼ ଦେବା ପାଇଁ ଝାଡ଼ି / ବତା / ଧସୁରୀ ଡାଙ୍ଗ

ପ୍ରସ୍ତୁତି ପ୍ରଣାଳୀ :

- ଦେଖାଯାଇଥିବା ଚିତ୍ର ଭଳି ୨ଟା ଛୋଟ ବାଡ଼ିରେ ୪ ଫୁଟ ଓସାରର ବ୍ୟାସାର୍ଦ୍ଧ ଭଳି ଗୋଲାଇ କରିବେ।
- ସେହି ଗୋଲେଇ ମଧ୍ୟରେ ୭ ଫୁଟିଆ ଖୁଣ୍ଟ ଦେଢ଼ ଫୁଟ (ହାତେ) ଗାଡ଼ କରି ଗୋଲେଇ ଚାରିପଟେ ସମାନ ଦୂରତାରେ ପୋତିବେ
- ସେହି ଗୋଲେଇକୁ ବାଡ଼ଭଳି ଘେରାଇବେ (ଅମରି ବତାରେ, ବାଉଁଶବତା, ଝାଟି)
- ଏବେ ଯେକୌଣସି ଶୁଖିଲା ପତ୍ର, ନଡ଼ା ଇତ୍ୟାଦି ସେହି ଗାତ ମଧ୍ୟରେ ୧ ଫୁଟ ବହଳର ଦେଇ ତା ଉପରେ ୬ ଇଞ୍ଚ ବହଳର କଞ୍ଚା ଗୋବର ଖତ ଦେବେ (ଯେଉଁଠି କମ୍ ଗୋବର ଅଛି, ସେହି ଗୋବରକୁ ପାଣିରେ ମିଶାଇ ଶୁଖିଲା ପତ୍ର ଉପରେ ଢାଳିଦେବ। ପାଣି ଦେବ ଯେମିତି ଶୁଖିଲା ପତ୍ରକୁ ଚିପୁଡ଼ିଲେ ପାଣି ବାହାରିବନି କିନ୍ତୁ ହାତ ଓଦାହେବ। ଏହିଭଳି ୫ ଫୁଟ ପର୍ଯ୍ୟନ୍ତ ଶୁଖିଲା ପତ୍ର ଓ ଗୋବର ସ୍ତର ଦେବେ।
- ୪ ମାସ ପରେ ତଳପଟରୁ ଶାବଳ ଦ୍ୱାରା ଖତ ବାହାର କରିବ ଓ ଉପର ପଟେ ପୁଣି ପତ୍ର ଓ ଗୋବର ଜମା କରିବ।

ବ୍ୟବହାର : ସାଧାର ପଟାଳିରେ ପଟାଳି ଉପରେ ୩ଇଞ୍ଚ ଉଚ୍ଚତାରେ ଏହି ଖଥ ଦେଇ ପଟାଳି ଖୋଳି ସେଥିରେ ବିଭିନ୍ନ ଜିନିଷ ଚାଷ କରିବେ।

- ବାଇଗଣ, ଟମାଟୋ, କୋବି ଇତ୍ୟାଦି ପନିପରିବା ଯେଉଁଟା ଗୋଟିଏ ଲେଖା ଗଛ ଲଗାଯାଏ, ତାକୁ ଗାତ ଖୋଳି ୧ ଆଞ୍ଜୁଳା ଲେଖାଁ ଖତ ନେଇ ଗଛ ଲଗାଇବେ।

ଉପକାର : (୧) ଗଛ ଭଲ ଭାବେ ବଢ଼େ। (୨) ଚାଷରେ ସମସ୍ୟା କମ୍ ହୁଏ (୩) ଉତ୍ପାଦନ ଅଧିକ ହୁଏ (୪) ଜମିର ଉର୍ବରତା ବୃଦ୍ଧି କରେ।

ତରଳ ସାର

ସାମଗ୍ରୀ : (୧) ମାଠିଆ-୨୦ ଲିଟର ପାଣି ଧରୁଥିବା-୧ଟା (୨) ସଜ ବା କଞ୍ଚା ଗାଈ ଗୋବର (୩) ପାଣି (୪) ଆଳୁ ବସ୍ତା (ଛୋଟ) ୧ଟା (୫) ଅଧାଲିଟରିଆ ମୁହଁ ଖୋଲା ଡବା (୬) ଖଣ୍ଡେ ପଥର (୭) କଞ୍ଚାପତ୍ର (ତେଲହୀନ ପତ୍ର, ଗନ୍ଧଯୁକ୍ତ ପତ୍ର, ପିତା ପତ୍ର, କ୍ଷୀରଯୁକ୍ତ ପତ୍ର, ଡାଲିଜାତୀୟ ଗଛର ପତ୍ର, ଆପେ ଆପେ ହୋଇଥିବା ପତ୍ର, ଗଭୀର ଚେରଯୁକ୍ତ ପତ୍ର। ତେଲହୀନ ଅର୍ଥ - ଯେଉଁ ଶୁଖିଲା ପତ୍ରକୁ ପୋଡ଼ିଲେ ଚିଟ୍‌ଚାଟ୍ ଶବ୍ଦ ହୁଏ ନାହିଁ।

ପ୍ରସ୍ତୁତ ପ୍ରଣାଳୀ :

- ସବୁ ପତ୍ରକୁ ମିଶାଇ ପଥର ଦ୍ୱାରା ଛେଚି ଦିଅନ୍ତୁ।
- ଡବାରେ ମାପି ପାଣି ମାଠିଆରେ ଭର୍ତ୍ତି କରନ୍ତୁ ଯେପରି ମାଠିଆ ମୁହଁଠାରୁ ୩ଇଞ୍ଚ ତଳେ ପାଣି ରହିବ।
- ୨୦ ଡବା ପାଣି ପାଇଁ ୧ ଡବା ଗୋବର ଓ ୧ ଡବା କଞ୍ଚା ପତ୍ର ମିଶାନ୍ତୁ।
- ଆଳୁ ବସ୍ତାରେ ସେହି ଗୋବର କଞ୍ଚାପତ୍ର ସହ ସେହି ପଥରକୁ ବାନ୍ଧି ମାଟି ହାଣ୍ଡିରେ ବୁଡ଼ାଇ ଦିଅନ୍ତୁ।
- ହାଣ୍ଡିଟି ଗଛ ଛାଇରେ ରଖନ୍ତୁ ଓ ୨୧ଦିନ ପର୍ଯ୍ୟନ୍ତ ତାହାକୁ ସଖାଳେ ଓ ସନ୍ଧ୍ୟା ସମୟରେ ଘାଣ୍ଟନ୍ତୁ।
- ମାଠିଆ ଉପରକୁ ହାଲୁକା ଭାବେ ଢାଙ୍କି ଦିଅନ୍ତୁ।

ବ୍ୟବହାର :

- ପନିପରିବା ଗଛରେ ବ୍ୟବହାର କରାଯିବ।
- ଗଛମୂଳରେ - ଗଛର ଶେଷ ପତ୍ର ସିଧାରେ ଗୋଲ କରି ୧ କପ ସପ୍ତାହକୁ ଥରେ ଦିଅନ୍ତୁ।
- ଗଛ ଡାଳର ଶେଷ ପତ୍ର ସିଧାରେ ୧ ଲିଟର ଦିଅନ୍ତୁ।
- ଚାରା ପଟାଳି ପାଇଁ ୧ ଲିଟରକୁ ୨ ବର୍ଗ ମି. ଜାଗାରେ ପ୍ରୟୋଗ କରନ୍ତୁ।
- ଛିଞ୍ଚନ ପାଇଁ ୧ କପ ତରଳସାର ସହ ସମାନ ପରିମାଣର ପାଣି ମିଶାଇ ସପ୍ତାହକୁ ଥରେ ଛିଞ୍ଚନ କରନ୍ତୁ।

ଉପକାର :

- ଗଛ ବୃଦ୍ଧି ହୁଏ ◆ ରୋଗ ପୋକ ଦୂର ହୁଏ ◆ ଅଧିକ ଅମଳ ଦିଏ।

ମାଛ ଟନିକ୍

ସାମଗ୍ରୀ :

- ଗୋଟିଏ ୧ଲିଟରିଆ କାଚ ଜାର।
- (ଚୁନା ମାଛ) ଅଥବା ମାଛର କାତି, ପୁଟା।
- ମହୁ ଅଥବା ଗୁଡ଼ (କଳାରଂଗ)।

ପ୍ରସ୍ତୁତ ପ୍ରଣାଳୀ : ପ୍ରଥମେ ମାଛ (ଚୁନାମାଛ) ବା ମାଛର କାତି ପୁଟା ଇତ୍ୟାଦି ୧" ପର୍ଯ୍ୟନ୍ତ ଭର୍ତ୍ତି କରିବେ।

- ତାପରେ ୧" ପର୍ଯ୍ୟନ୍ତ ମହୁ ବା କଳାଗୁଡ଼ ଭର୍ତ୍ତି କରିବେ।
- ଏହିପରି ମାଛ ପୁଟା ବା କାତି ୧" ଓ ଗୁଡ଼ ବା ମହୁ ୧" କରି ବୋତଲର ୪ ଭାଗରୁ ୩ ଭାଗ ପର୍ଯ୍ୟନ୍ତ ଭର୍ତ୍ତି କରିବେ ଓ ୧/୪ ଅଂଶ ଖାଲି ରହିବ।
- ବୋତଲର ଠିପି ଢିଲା ଭାବରେ ଦେବେ।
- ୧୦ ଦିନ ପର୍ଯ୍ୟନ୍ତ ଏହି ଜାର ଛାଇରେ ରହିବ।
- ତାପରେ ସେହି କାତି ଓ ପୁଟାକୁ କପଡ଼ାରେ ଛାଣି ତାର ରସ ସେଇ ବୋତଲ ମଧ୍ୟରେ ରଖିବେ।

ବ୍ୟବହାର: ଅମାସାରୁ ପୁନି ଭିତରେ ୧୦ ମି.ଲି. ଲିଟରକୁ ୧ ଲିଟର ପାଣିରେ ମିଶାଇ ଗଛ ପତ୍ର ଉପରେ ଛିଞ୍ଚନ କରିବେ।

- ମାସକୁ ଥରେ ସ୍ପ୍ରେ କରିବା ଦରକାର।

ଉପକାର : ଗଛର ଦୃତ ବୃଦ୍ଧି ଓ ପ୍ରବଳ ଫଳ ପ୍ରଦାନ କରିଥାଏ।

- ସବୁ ପ୍ରକାର ଗଛରେ ଏହା ସ୍ପ୍ରେ କରାଯିବ।

ଜିଆ ଖତ

ସାମଗ୍ରୀ : (୧) ମାଟି ବା ସିମେଣ୍ଟ ୨ ଫୁଟ ବ୍ୟାସାର୍ଦ୍ଧର ନନ୍ଦ - ୨ଟା (୨) ଜିଆ (୩) ୩୦ ଦିନରେ ପୁରୁଣା ଗୋବର ବା ୩୦ ଦିନର ପୁରୁଣା ଖତ (୪) ପାଣି (୫) ଅଖା ବସ୍ତା (୬) ଉପରେ ଢାଙ୍କିବା ପାଇଁ ସାମଗ୍ରୀ

ପ୍ରସ୍ତୁତ ପ୍ରଣାଳୀ :

- ପ୍ରଥମେ ୨ ଟି ମାଟି ବା ସିମେଣ୍ଟ ନନ୍ଦକୁ ଉପରକୁ ଉପର ରଖି ତାର ସନ୍ଧି ମାରିଦେବେ।
- ଯେଉଁ ଜାଗାରେ ଏହା ରଖା ସେ ଜାଗାର ତଳମାଟି ରହିବା ଜରୁରୀ
- ତାପରେ ୩୦ ଦିନର କଞ୍ଚା ଗୋବର ବା ୩୦ ଦିନର ଖତ, ସେହି ନନ୍ଦ ମଧ୍ୟରେ ଭର୍ତ୍ତି କରି ତା ମଧ୍ୟରେ ପାଣି ଦେବେ।
- ଯେପରି ସେ ଗୋବର ବା ଖତ ପିଠଉ ପରି ହେବ, ଓଦା ହେବ, ମାତ୍ର ହାତରେ ଲାଗିବ ନହିଁ।
- ସେହି ଓଦା ଖତ ବା ଗୋବର ଉପରେ ୧୦୦ ଗୋଟି ଜିଆ ଛାଡ଼, ଜିଆମାନେ ତା ଭିତରକୁ ଆପେ ଆପେ ଯିବେ।
- ତାପରେ ଓଦା ଅଖାକୁ ସେହି ଗୋବର ଉପରେ ସଂପୂର୍ଣ୍ଣ ଭାବରେ ଘୋଡ଼ାଇ ଦିଅ - ଏହି ଅଖା ଶୁଖିଗଲେ ପୁଣି ତାକୁ ଓଦା କରି ତା ଉପରେ ପକାଇବ।
- ସେହି ଟାଙ୍କି ଉପରେ ଖରା ଓ ବର୍ଷା ଦାଉରୁ ରକ୍ଷା ହେବା ପାଇଁ କାଠରେ ଘର କରି କୁଟା ଛପର କର।
- କିଛିଦିନ ପରେ ଉପର ସ୍ତରରେ ଜିଆର ଝାଡ଼ା ଦେଖାଯିବ।
- ଇଞ୍ଚ ମୋଟେଇରେ ଝଡ଼ା ହେବା ପରେ ତାକୁ ବାଉଁଶ ପାତିଆରେ ବାହାର କରି ଦେବ ଓ ତାକୁ ବସ୍ତାରେ ରଖି ଚାଷ ସମୟରେ ବ୍ୟବହାର କରିବେ।

ଜିଆ ଖତରେ ସାବଧାନତା :

- ନିୟମିତ ଜିଆଖତ ସଂଗ୍ରହ ନ କଲେ ଜିଆ ଖତ ମାଟିରେ ପରିଣତ ହେବ ତାପରେ ସଂଗ୍ରହ ସମସ୍ୟା ହେବ।
- ପାଣି କମ୍ ହେଲେ ଅଥବା ଖାଦ୍ୟ କମ୍ ହେଲେ ଜିଆମାନେ ମାଟି ତଳକୁ ପଳାଇବେ।
- ପିମ୍ପୁଡ଼ି ଲାଗିଲେ କେଉଁଠି ହେଲେ ଜିଆ ମରି ଯାଇଥାଇପାରେ, ଏହି ମଲା ଜିଆକୁ ଉଠାଇ ଫିଙ୍ଗି ଦିଅନ୍ତୁ।
- ଜିଆ କୁଣ୍ଡରେ ପିଆଜ, ରସୁଣ, ଅଦାର ଚୋପା, ଖଟା ଓ ମିଠା ଓ ତେଲାକ୍ତ ଜିନିଷ ବା ଆମିଷ ଜିନିଷ ପକାନ୍ତୁ ନାହିଁ।

ବ୍ୟବହାର :

- ପୋଶୋ ଜିଆଖତ ୧ଟି ପନିପରିବା ଗଛ ପାଇଁ ବ୍ୟବହାର କର।
- ପଟାଳିରେ ୩ଇଞ୍ଚ ଉଚ୍ଚତାରେ ଖତ ପକାଇ ମାଟିରେ ମିଶାଇ ଗଛ ଲଗାନ୍ତୁ।

ଉପକାର :

- ଜମିର ଉର୍ବରତା ବଢ଼ାଏ ◆ ଗଛର ସଠିକ୍ ବୃଦ୍ଧି ହୋଇଥାଏ
- ଜମିରେ ଏବଂ ଗଛରେ କ୍ଷତି କାରକ ରୋଗ ପୋକର ବିନାଶ କରେ।

ସାଧା ପଟାଳି

ସାମଗ୍ରୀ : (୧) ଗଇଁତି, ଶାବଳ, ଫାଉଡ଼ା, କମ୍ପୋଷ୍ଟ ଖତ (୨) ଇଟା ୪ ଫୁଟିଆ ସିଧା ବାଡ଼ି (୩) ୧-୧/୨ ଫୁଟିଆ ୪ଟା ଖୁଣ୍ଟ (୪) ୫୦' ଲମ୍ବ ସୁତୁଳି

ପ୍ରସ୍ତୁତ ପ୍ରଣାଳୀ :

- ୪ ଫୁଟ ଚାଉଡ଼ା, ୨୦ଇଞ୍ଚ ଲମ୍ବ କ୍ଷେତ୍ର ମାପି ତାର ଚାରିପାଖେରେ ଦେଢ଼ ଫୁଟିଆ ୪ଟା ଖୁଣ୍ଟ ପୋତନ୍ତୁ।
- ରଶି ଏହି ୪ ଖୁଣ୍ଟରେ ବାନ୍ଧି ଜାଗାକୁ ଘେରି ଦିଅ।
- ୩" ଉଚ୍ଚର କମ୍ପୋଷ୍ଟ ଖତ ନେଇ ସେହି ପଟାଳିକୁ ୯" ଗଭୀର କୋଡ଼ି କରି ସମାନ କରି ଦିଅନ୍ତୁ।

ବ୍ୟବହାର : ଏହି ପଟାଳିରେ ବିଭିନ୍ନ ପ୍ରକାର ସାଗ ସବ୍‌ଜି ପନିପରିବା ମିଶାଇ ଲଗାନ୍ତୁ (୮ରୁ ୧୦ ପ୍ରକାର)

ସାବଧାନତା :

- ଏହି ପଟାଳିରେ କୌଣସି ପ୍ରକାର ଚଢ଼ନ୍ତୁ ନାହିଁ।
- ଏହା ଏକ ସମନ୍ୱିତ କୃଷି ପଦ୍ଧତି, ଏଥିରେ ଅଧିକ ପରିମାଣରେ ଓ ବିଭିନ୍ନ ପ୍ରକାରର ପନିପରିବା ମିଳିଥାଏ।

ଉପକାର : ଏହି ପଟାଳି ୨ ରୁ ୩ ବର୍ଷ ପର୍ଯ୍ୟନ୍ତ ବ୍ୟବହାର କରାଯାଇପାରେ।

ଜୀବିକା ଓ ପରିବେଶ ସୁରକ୍ଷା ମଞ୍ଚ ଦ୍ୱାରା ମାଟି, ପାଣି, ବିହନ ତଥା ଜୈବ ବିବିଧତାର ସୁରକ୍ଷା ପାଇଁ